... ଉପାସରେ ମରବେ ?

## • କଠିନ ଶବ୍ଦର ଅର୍ଥ

ବଳିଷ୍ଠ – ବଳୁଆ
କୋହଳ – ହୁଗୁଳା
ଧିମେଇ – ଧିରେ ଧିରେ
ଗୋସେଇଁ ଖିଆ– ମାଲିକକୁ ମାନୁନଥିବା
ଟଙ୍କୁ ନାହାଁନ୍ତି – ଘୁଞ୍ଚୁ ନାହାଁନ୍ତି
ଆଗଆଗ – ଆଗରୁ, ପୂର୍ବରୁ

ଭେଦ – ରହସ୍ୟ
ଭୟାର୍ତ୍ତ – ଭୟରେ କାତର
କାନ ଡରାଟି – କାନ ଠିଆ କରି
ଅତର୍କିଆ – ହରତରରେ
ଉତ୍ତେଜନା – ସରଗରମ ଅବସ୍ଥା
ବିଷାଦ – ଦୁଃଖ

ଭିଳାପୋତେଇ – ଜଳାବଳାର
ବହଳ – ବହଳିଆ
ପାଡ଼ା – କଷ୍ଟ
ଊଣା – କମ
ନେହୁରା – ଜୁହାର
ଆଖି ବୁଜିଲା – ମରିଗଲା
ବିଦ୍ରୋହ – ଲଢ଼େଇ
ଅବାରିତ – କଳନ୍ ହୋଇ
ଅଶ୍ରୁ – ଲୁହ
ଚିତ୍ତ – ମନ
କ୍ଷୋଭ – ଦୁଃଖ
ଫି ବର୍ଷ – ପ୍ରତିବର୍ଷ
ସାଉକାର – ମହାଜନ
ଚିଜପାତି – ଜିନିଷପତ୍ର
ମହଙ୍ଗା – ଅଭାବ
ଏମିତି ମାରିଦେଲା – ଏମିତି କାଟିଦେଲା
ନିଭୃତ – ଭିତର ଅଂଶ
ସାଆନ୍ତ – ମାଲିକ
ଗରା – ଗଗରା
କ୍ଷୀଣ – ସରୁ
କଟୀ – ଅଣ୍ଟା
ଭର୍ତ୍ସନା – ଗାଳି
ମୌନ – ନୀରବ
କେତେ ଠେଇଁ – କେତେ ଜାଗାରେ
ଲାଉଡ୍ ସ୍ପିକର – କଳ ବାଜଣା
ସତର ଗଇଁଠା – ଅନେ ଗଣ୍ଠି ପଡ଼ିଥିବା
ଢେଙ୍ଗୁରା – ନାଗରା
ଷାଣ୍ଡାର୍ଡ ଧୋତି – ସାଧାରଣ ଧୋତି
ଅନାହାର – ଭୋକିଲା

ଅଯନ୍ – ଯନ୍ ନ ନେଇ
ମଣିଷ ପିନ୍ଧା – ପୁରୁଷ ପିନ୍ଧୁଥିବା
ନମ୍ର – ନରମ
ଉଧୁ ନଙ୍ଗଳା – ଲଙ୍ଗଳା ଭଳି
ବେହି – ବନ୍ଧନ
ଧର୍ମଘଟ – ଶାନ୍ତିପୂର୍ଣ୍ଣ ପ୍ରତିବାଦ
ପନ୍ଥା – ବାଟ
ଭୁକେ ନାଇଁ – ପଶେ ନାହିଁ
କ୍ଲିଷ୍ଟ – କଷ୍ଟଯୁକ୍ତ
ଅର୍ଦ୍ଧନଗ୍ନ – ଅଧା ନଙ୍ଗଳା
ଅହରହ – ସର୍ବଦା
ସନ୍ତର୍ପଣରେ – ସାବଧାନରେ
କଳପରି – ଯନ୍ତ୍ରପରି
ଚୋରା ବଜାର – ଚୋରା କାରବାର
ବୁଜୁଳା – ବସ୍ତାନୀ
ଉତ୍ସୁକ – ଆଗ୍ରହୀ
ଚକ୍ର ଚିହ୍ନିତ – ଚକ ଚିହ୍ନଥିବା
ଉଦ୍ଦାମ – ଗର୍ବିତ
ପ୍ରବାହ – ସୁଅ
ସଙ୍କେତ – ଚିହ୍ନ
ସାମ୍ୟ – ସମାନତା
ମୈତ୍ରୀ – ଭାତୃଭାବ
ସଂଘାତ – ବାଧା
ଫିକା – ରଙ୍ଗହୀନ
କଳ୍ପନାପୁରୀ – କଳ୍ପନାର ରାଜ୍ୟ
ବେଦନା – ଦୁଃଖ, କଷ୍ଟ ।
ନୈରାଶ୍ୟ – ନିରାଶା
ଉପକ୍ରମ କରନ୍ତି – ଆରମ୍ଭ କରନ୍ତି
ହୃଦତନ୍ତ୍ରୀ – ହୃଦୟରତାର

ଝାଉଁଳା – ଝାଉଁଳି ପଡ଼ିଥିବା
ଦେହୁଲତା – ଦେହଲତା
ଆଖି ଢଳେଇ ଆସେ – ଆଖିରେ ଲୁହ ଦେଖାଯାଏ ।
ପୁଲକ – ଆନନ୍ଦ
ଦୈନ୍ୟ – ଗରିବ ଅବସ୍ଥା
ନୈଶ ଅନ୍ଧକାର – ରାତିର ଅନ୍ଧାର
ବ୍ୟଥାତୁର – କଷ୍ଟରେ ଆକୁଳ
ହୀନସ୍ତା – ହଇରାଣ
ମୁଣ୍ଡଖାଅ – ମୁଣ୍ଡ ରାଣ ଖାଇବା
ଆଣିଁଲି – ଆଣିଲି
ବେଇଗି – ଶୀଘ୍ର
ସନ୍ଦିଗ୍ଧ ଦୃଷ୍ଟି – ସନ୍ଦେହ ଭରା ଚାହାଁଣୀ
ନୋକ – ଲୋକ
ଶଙ୍କିତ ଚିତ୍ତ – ଆଶଙ୍କିତମନ
ଲଜ୍ଜାନତ – ଲାଜରେ ଅବନତ
ଶ୍ଳେଷ – ପରିହାସ
ବେଉସା – ବାରବାର
ଅବିକା – ଏବେ
ଜାଣିଁଲେ – ଜାଣିଲେ
ସଉକି – ଆନନ୍ଦ, ଖୁସି
ଉତ୍ୟକ୍ତ – ରାଗ ଜର୍ଜରିତ
ନିଉଛୁଣା – ହୀନକାମ

## • କ୍ଷୁଦ୍ର ଉତ୍ତରମୂଳକ

**୧। ଯୁଦ୍ଧ ଲାଗିବାରୁ ଅପର୍ତ୍ତିର ଚଳିବାରେ କିପରି ଅସୁବିଧା ହେଲା ?**

ଉ– ଯୁଦ୍ଧ ଲାଗିବାରୁ ଜିନିଷପତ୍ରର ଦର ବଢ଼ି ଚାଲିଲା । ଆବଶ୍ୟକ ଚିଜ ସବୁ ମହଙ୍ଗା ହେଲା । ଚାଉଳ, କିରୋସିନୀ, ଲୁଗା ମିଳିଲାନି । ଚାଉଳ ଟଙ୍କାରେ ଦି' ସେର ହେଲା । ଡିବିରି ବିନା ଅନ୍ଧାରରେ ଅପର୍ତ୍ତିର ବୁଢ଼ୀମା' ଚାଲି ପାରିଲା ନାହିଁ ।

**୨। ବଳଦ ଦୁଇଟି ଅମୁହାଁ ଦୌଡୁଥିଲେ କାହିଁକି ?**

ଉ– ଅପର୍ତ୍ତି ହଳ କରୁଥିଲା ବେଳେ ମୁଣ୍ଡ ଉପରେ ଉଡ଼ା ଜାହାଜ ଘଁ ଘଁ କରି ଉଡ଼ିଗଲେ ସେ ଶଙ୍କି ଯାଇ ହିଡ଼ ମୂଳରେ ବସେ । ବଳଦ ଦୁଇଟି କାନ ଠିଆ କରି ହଳ ଜୁଆଳି ସହିତ ଅମୁହାଁ ଦୌଡ଼ନ୍ତି ।

**୩। ଅପର୍ତ୍ତି ମନରେ ବିଷାଦ ଆସିଲା କାହିଁକି ?**

ଉ– ଲଢ଼େଇ ଲାଗିବାରୁ ଜିନିଷପତ୍ରର ଦରଦାମ ବଢ଼ିଗଲା । ଚାଉଳ, ଲୁଗାପଟା, କିରୋସିନି ମିଳିଲାନି । ସବୁ କିଳା ପୋତେଇରେ ଚାଲିଲା । ଏଣୁ ଅପର୍ତ୍ତି ମନରେ ବିଷାଦ ଆସିଲା ।

**୪। ଅପର୍ତ୍ତିର ଶାନମନ ବିଦ୍ରୋହ କଲା କାହିଁକି ?**

ଉ– ଯୁଦ୍ଧ ହେତୁ ଜିନିଷପତ୍ର ମହଙ୍ଗା ହେଲା । କିରୋସିନୀ ଅଭାବରୁ ତାର ବୁଢ଼ୀ ମା'ଟା ଡିବିରି ବିନା ଅନ୍ଧାରରେ କଚାଡ଼ି ହୋଇ ମରିଗଲା । ଧନୀ ସାହୁକୁ ନେହୁରା

ହେଲେ ମଧ୍ୟ ସେ ତା' କଥା ଶୁଣିଲାନି । କଠିନ ପରିଶ୍ରମ କରି ସେ ଫଳାଉଥିବା ସୁନାର ଫସଲ ସାହୁକାର ଖାଏ । ତା' ଉପାସିଆ ପେଟକୁ କିଛି ଜୁଟେନା । ଏଣୁ ଅପର୍ତ୍ତିର ଶାନ୍ତମନ ବିଦ୍ରୋହ କରି ଉଠିଲା ।

**୫। ଅପର୍ତ୍ତିର ମନରେ ଭାରି ରାଗ ଆସିଲା କାହିଁକି ?**

ଉ– ଯୁଦ୍ଧ ବଜାରରେ କଳା ପୋତେଇ କରି ଧନୀ ସାହୁ କୋଠା ଉପରେ କୋଠା ବାଡ଼ାଏ । ଅପର୍ତ୍ତି କିଳାପୋତେଇ ଦେଇ ପାରେନି କି ନେହୁରା ହୋଇ ଜିନିଷ ପାଇ ପାରେନି । ଅପର୍ତ୍ତି ମନରେ ଭାରି ରାଗ ଆସେ । ଧନୀ ସାହୁ ଦୋକାନରେ ନିଆଁ ଲଗେଇ ଦେବାକୁ ଇଚ୍ଛା ହୁଏ । ମାତ୍ର ସେ କିଛି କରିପାରେନି । ଦବି ଯାଏ ।

**୬। ପ୍ରଚାର ବିଭାଗର କଥା ଶୁଣି ଅପର୍ତ୍ତି କ'ଣ ଭାବିଲା ?**

ଉ– ପ୍ରଚାର ବିଭାଗର କଥା ଶୁଣି ଅପର୍ତ୍ତି ଭାବିଲା, ଏଥର ତାର ଦୁଃଖ ଯିବ । ଲୁଗାପଟା ଶସ୍ତା ହେବ, ତା' ଗୁରେଇ ଆଉ ସତର ଗଇଁଠା ଖଦି ପିନ୍ଧିବନି । ସେ ନୂଆ ଲୁଗା ଖଣ୍ଡେ ପିନ୍ଧିପାରିବ ।

**୭। ଗୁରେଇ ଲୁଗା ଆଣି ଯିବାକୁ କାହିଁକି ମନା କଲା ?**

ଉ– ଗୁରେଇ ଛିଣ୍ଡାଲୁଗା ପିନ୍ଧୁଥିବାରୁ ଲୋକ ଗହଳି ଭିତରକୁ ଯିବା ପାଇଁ ମନା କଲା । ଲାଜରେ ତାର ମୁଣ୍ଡ ଛିଣ୍ଡି ପଡ଼ିବ କାଳେ ଏଇ ଆଶଙ୍କା ତା ମନକୁ କାବୁ କଲା ।

**୮। ଧନୀ ସାହୁର ଅପମାନ ସୂଚକ କଥା ଶୁଣି ଅପର୍ତ୍ତିର କେଉଁ ଭାବାନ୍ତର ଦେଖାଦେଲା ?**

ଉ– ଧନୀ ସାହୁର ଅପମାନିଆଁ କଥା ଶୁଣି ଅପର୍ତ୍ତିର ଶିରା ପ୍ରଶିରା ରାଗରେ ଫୁଲି ଉଠିଲା । ଆଖି ଯୋଡ଼ିକ ଜଳି ଉଠିଲା ।

**୯। ଦେଶ ସେବକମାନେ ଗାଁ ଗାଁ ବୁଲି କ'ଣ ପ୍ରଚାର କଲେ ?**

ଉ– ଦେଶ ସେବକମାନେ ସୂତାକାଟି ଲୁଗା ଅଭାବ ଦୂର କରି ନିଜ ଗୋଡ଼ରେ ଠିଆ ହେବାକୁ ଉପଦେଶ ଦେଲେ । ଜମିଦାରକୁ କର ନ ଦେବାକୁ କହିଲେ । ଧର୍ମଘଟ କରିବାକୁ କହିଲେ ।

**୧୦। ଦେଶ ସ୍ୱାଧୀନ ହେବା ବିଷୟରେ ଅନ୍ୟଠାରୁ ଅପର୍ତ୍ତି ପଚାରି କ'ଣ ବୁଝେ ?**

ଉ– ଅପର୍ତ୍ତି ଅନ୍ୟମାନଙ୍କୁ ପଚାରି ବୁଝେ ଯେ ଆମ ଦେଶ ସ୍ୱାଧୀନ ହେବ । କେଇଟା ଦିନ ଗଲେ ଗୋରା ଲୋକେ ଆଉ ଆମ ଦେଶରେ ରହିବେନି । ଆମ ଲୋକେ ଆମକୁ ଶାସନ କରିବେ । କିଳାପୋତେଇ, ଚୋରାବଜାର ବନ୍ଦ ହୋଇଯିବ । ଲୁଗା, କିରୋସିନି, ଚାଉଳ ଶସ୍ତା ହେବ, ଲାଞ୍ଚ ମିଛ ଆଉ ରହିବନି ।

୧୧। ତ୍ରିରଙ୍ଗା ପତାକାକୁ ଚାହିଁ ଅପର୍ତ୍ତି କେଉଁ ଦୃଶ୍ୟକୁ ଦେଖିପାରେ ?

ଉ– ତ୍ରିରଙ୍ଗା ପତାକାକୁ ଚାହିଁ ଅପର୍ତ୍ତି ଦେଖିପାରେ ତା ଘୁରେଇ ଭଲ ଭଲ ଖଦି ପିନ୍ଧି ହସି ହସି ତା ଆଡ଼କୁ ଚାହେଁ। ଧନୀ ସାହୁ କଳାପୋତେଇ କରୁଥିବାରୁ ଧରାପଡ଼ି ହାତକଡ଼ି ପିନ୍ଧି ଜେଲ ଯାଏ।

୧୨। ଅପର୍ତ୍ତି କେଉଁ ଗୋଟିଏ ବିଷୟରେ ପରିବର୍ତ୍ତନକୁ ଲକ୍ଷ୍ୟ କରିଥାଏ ?

ଉ– ଅପର୍ତ୍ତି କେବଳ ଗୋଟିଏ ବିଷୟରେ ପରିବର୍ତ୍ତନ ଲକ୍ଷ୍ୟ କରେ; ଦେଶ ସ୍ୱାଧୀନ ହେବା ଆଗରୁ ଯେଉଁ ଲୋକମାନେ ମାସକରେ ଥରେ ଦି'ଥର ଗାଁକୁ ଆସୁଥିଲେ। ସଭାସମିତି କରି ରାମରାଜ୍ୟର ସ୍ୱପ୍ନ ଦେଖାଉଥିଲେ ସେମାନଙ୍କର ଆଉ ଦେଖା ଦର୍ଶନ ମିଳୁନାହିଁ। ଯେଉଁ କର୍ମୀ ଜଣକ ଖଦି ପିନ୍ଧି କାନ୍ଧରେ ଝୁଲାମୁଣି ପକାଇ ଗାନ୍ଧିଙ୍କର ଅହିଂସା ନୀତି, ସରଳ ଜୀବନଯାପନ କଥା ବୁଝାଉଥିଲେ ସେ ଥରେ ବଡ଼ ମୋଟର ଗାଡ଼ିରେ ବସି ଯାଉଥିବାର ସେ ଦେଖିଥିଲା।

୧୩। ନିଜର ଦୁଃଖ ଘୁଞ୍ଚାଇବା ପାଇଁ ଅପର୍ତ୍ତି କ'ଣ କରିଥିଲା ?

ଉ– ନିଜର ଦୁଃଖ ନିଜେ ଘୁଞ୍ଚାଇବାକୁ ଅପର୍ତ୍ତି ଠିକ୍ କଲା। ରାତ୍ରିର ଅନ୍ଧକାରରେ ଧନୀ ସାହୁର ଦୋକାନରୁ ଯାଇ ଦି' ଖଣ୍ଡ ମାଇପି ପିନ୍ଧା ଖଦି ନେଇ ଆସିଥିଲା। ଘୁରେଇର ଅର୍ଦ୍ଧନଗ୍ନ ଦେହ ତାକୁ ଖୁବ୍ ଦୁଃଖ ଦେଇଥିଲା।

୧୪। ଚୋରି ବିଷୟରେ ଅପର୍ତ୍ତି ଘୁରେଇକୁ କ'ଣ କହିଲା ?

ଉ– ଅପର୍ତ୍ତି ଘୁରେଇକୁ କହିଲା, କିଏ ଚୋରି ନ କରୁଛି ? ଧନୀ ସାହୁ କଳାପୋତେଇ କରି କୋଠା ବାଢ଼େଇ ଚାଲିଛି। ଯେଉଁ ବାବୁମାନେ ତାକୁ ଛାଡ଼ି ଦେଉଛନ୍ତି ସେମାନେ ମଧ ଚୋର, ସାହୁକାର ଆମକୁ ଖଟେଇ ଖଟେଇ ମାରୁଛି। ଆମେ ଭୋକରେ ସଢୁଛୁ। ଖାଇବାକୁ, ପିନ୍ଧିବାକୁ ନ ପାଇ ମୁଁ ଚୋରି କଲେ କ୍ଷତି କ'ଣ ?

୧୫। ଅପର୍ତ୍ତି ଶ୍ଳେଷ ମିଶା ଗଳାରେ ପୋଲିସ ଆଗରେ କ'ଣ କହିଲା ?

ଉ– ଅପର୍ତ୍ତି ଲୁଗା ଚୋରି କରିଥିବା ଶୁଣି ପୋଲିସ ପଚାରିବାରୁ ଅପର୍ତ୍ତି କହିଲା, ସେ ଚୋରି କରିନି। ଟଙ୍କା ଦେଇ କିଣିଛି। ତା' ଦସ୍ତଖତ ଥିବା କଥା ଧନୀ ସାହୁ ଉଠାଇବାରୁ ଅପର୍ତ୍ତି ଶ୍ଳେଷ ମିଶା ଗଳାରେ କହିଥିଲା, ଦସ୍ତଖତ ଆସିବ କୁଆଡୁ ? ତମେତ ରାତି ଅଧିଆ କାରବାର କରିବ। ଦୁଇଟଙ୍କା ଜିନିଷକୁ କଳାପୋତେଇ କରି ପାଞ୍ଚ ଟଙ୍କାରେ ବିକିବ। ତମର ସବୁ ଅନ୍ଧାରୁଆ ବେଉସା। ଦସ୍ତଖତ ଆସିବ କୁଆଡୁ ? ମୋତେ ଚୋର ସଜାଇବାକୁ ବସିଛ ?

୧୬ । ଅପର୍ତି ବ୍ୟାଥାତୁର କଣ୍ଠରେ ଗୁରେଇକୁ କ'ଣ କହିଥିଲା ?

ଉ– ଚୋରି ନ କରିବା ପାଇଁ ଗୁଣେଇ ଅପର୍ତିକୁ ଅନୁରୋଧ କରିବାରୁ ସେ ବ୍ୟଥାତୁର କଣ୍ଠରେ କହିଲା, ମୁଁ କ'ଣ ସଉକରେ ଚୋରି କରିଛି ? ଯେଉଁମାନେ ହଜାର ହଜାର ଚୋରି କରୁଛନ୍ତି ସେମାନେ କ'ଣ ଭଲ ଲୋକ ? ଆମେ ହୀନିମାନିଆ ଜୀବନ ବିତାଉଛେ । ଲାଜ ଲୁଚାଇବା ପାଇଁ ଦି'ଖଣ୍ଡ ଲୁଗା ନେଇ ଆସିବା କ'ଣ ଚୋରି ?

## • ଅତିକ୍ଷୁଦ୍ର ଉତ୍ତରମୂଳକ

୧୭ । ବଳଦ ଦୁଇଟା ଧିମେଇ ଚାଲିବାର କାରଣ କ'ଣ

ଉ– ହଳ କରୁ କରୁ ଅପର୍ତି ଅନେକ କଥା ଭାବେ, ଭାବୁ ଭାବୁ କଣ୍ଠିରେ ତା ହାତ କୋହଳ ହୋଇଗଲେ ବଳଦ ଦି'ଟା ଧିମେଇ ଯାଆନ୍ତି ।

୧୮ । ଅପର୍ତି ବଳଦଙ୍କୁ କ'ଣ କହେ ?

ଉ– ଅପର୍ତି ବଳଦଙ୍କ ପିଠିରେ ପାଞ୍ଚଣ ବାଡ଼େଇ କହେ, "ଗୋଷେଇଁ ଖିଆ, ଚଙ୍କୁ ନାହାଁନ୍ତି ମୋଟେ ।"

୧୯ । ଆଠବର୍ଷ ଆଗରୁ ଲୋକେ ଚଳୁଥିଲେ କିପରି ?

ଉ– ଆଠବର୍ଷ ଆଗରୁ ଲୋକରେ ବେଶ୍ ସୁଖରେ ଚଳୁଥିଲେ । ଦୁଃଖସୁଖ ଶାଗ ପେଜ ଖାଇ ଆରାମରେ ଜୀବନ ଜୀଉଁ ଥିଲେ ।

୨୦ । ନିଜ ଦେଶକୁ କିଏ ବୋହି ନେବ ?

ଉ– ଯିଏ ଆମ ଉପରେ ରାଜା ହେବ ଏସବୁ କିଛି ଆମ ଦେଶରୁ ବୋହି ନେବ ।

୨୧ । ଜିନିଷର ଦର ବଢ଼ିଲା କାହିଁକି ?

ଉ– ଲଢ଼େଇ ହେବାରୁ ଜିନିଷପତ୍ରର ଦର ବଢ଼ିଗଲା । ସବୁ ମହଙ୍ଗା ହେଲା । ଚୋରି, କିଳାପୋତେଇ ଚାଲିଲା ।

୨୨ । ଅପର୍ତି ହଳ ଛାଡ଼ି ହିଡ଼ପାଖ ବୁଦାମୂଳେ ବସୁଥିଲା କାହିଁକି ?

ଉ– ମୁଣ୍ଡ ଉପର ଦେଇ ଉଡାଜାହାଜ ଘଁ ଘଁ କରି ଉଡ଼ିଗଲା ବେଳେ ଅପର୍ତି ହଳ ଛାଡ଼ିଦେଇ ହିଡ଼ ପାଖ ବୁଦା ମୂଳେ ଭୟରେ ଶଙ୍କିଯାଇ ବସେ ।

୨୩ । ଉଡ଼ାଜାହାଜକୁ ଦେଖି ଅପର୍ତି କ'ଣ ଭାବେ ?

ଉ– ଏକା ସଙ୍ଗେ ଆଠ ଦଶଟା ଉଡ଼ାଜାହାଜ ତା ଗାଁ ଉପରେ ତା' କ୍ଷେତ ଉପରେ ଉଡ଼ିଗଲା ବେଳେ ଅପର୍ତି ଭାବେ, ଏଇ ପାଖରେ ଯେମିତି କୋଉଠି ଲଢ଼େଇ ଚାଲିଛି । ଅଞ୍ଚଳର ସବୁ ଲୋକେ ଲଢ଼େଇରେ ଯୋଗ ଦେଇଛନ୍ତି ।

୨୪। ଅପର୍ତ୍ତିର ବୁଢ଼ୀମା' ମଲା କିପରି ?

ଉ- ଅପର୍ତ୍ତିର ବୁଢ଼ୀମା'କୁ ଭଲ ଦିଶେ ନାହିଁ। ଦିନବେଳେ ମଧ୍ୟ ସେ ଚାଲୁଚାଲୁ କଚଡ଼ା ଖାଏ। କିରୋସିନି ମିଳେ ନାହିଁ। ଡିବିରି ଜଳେ ନାହିଁ। ବୁଢ଼ୀମା'ଟା ଅନ୍ଧାରରେ ଗୋଡ଼ ଖସିଯିବାରୁ ମୃତ୍ୟୁ ମୁଖରେ ପଡ଼ିଲା।

୨୫। ଅପର୍ତ୍ତି ବାହା ହେବାକୁ ସାହସ କଲା ନାହିଁ କାହିଁକି ?

ଉ- ଯୁଦ୍ଧ ହେତୁ ଜିନିଷ ପତ୍ର ମହଙ୍ଗା ହେଲା। ଦରଦାମ୍ ବଢ଼ିଲା। ନିଜେତ ଚଳିବାକୁ ନିଅଣ୍ଟ। ସେଥିରେ ସେ ପୁଣି ବାହା ହୋଇ ଆଉ ଜଣକୁ ଆଣି କେମିତି ପୋଷି ପାରିବ। ସେଥିପାଇଁ ଅପର୍ତ୍ତି ବାହା ହେବାକୁ ସାହସ କରୁନଥିଲା।

୨୬। ଅପର୍ତ୍ତିର କ୍ଷୋଭର କାରଣ କ'ଣ ?

ଉ- ଅପର୍ତ୍ତିର କ୍ଷୋଭର କାରଣ ଯେ ସେ ଗରିବ ବୋଲି ତା'ର ବଞ୍ଚିବାର ଅଧିକାର ନାହିଁ। ସେ ମୁଣ୍ଡ ଝାଳ ତୁଣ୍ଡରେ ଦେଇ ସୁନାର ଫସଲ ଫଳାଇବ ଆଉ ତାକୁ ଖାଇବ ସାହୁକାର। ସେ ପେଟରେ ଓଦାକନା ଦେଇ ଉପାସରେ ସଢ଼ିବ।

୨୭। ଅପର୍ତ୍ତି ଗୁରେଇକୁ କେଉଁଠି କେମିତି ଭେଟିଥିଲା ?

ଉ- ଅପର୍ତ୍ତି ହଳ ନେଇ ବିଲକୁ ଗଲାବେଳେ ଗୁରେଇକୁ ଦେଖେ। ଗୁରେଇ ସାନ ସାଆନ୍ତଙ୍କ ପୋଖରୀରେ ଗାଧୋଇ ଶରାରେ ପାଣି ଧରି ଫେରୁଥାଏ। ଅପର୍ତ୍ତିର ପାଖ ଦେଇ ସେ ଲାଜେଇ ଚାଲିଥାଏ। ମାତ୍ର ଅପର୍ତ୍ତି ଅପଲକ ଚାହିଁ ରହେ।

୨୮। କେଉଁ ସମୟରେ ଅପର୍ତ୍ତି ବାହା ହେଲା ?

ଉ- ଏକା ଚଳି ନ ପାରି ଘମାଘୋଟ ଲଢ଼େଇ ବେଳେ ଅପର୍ତ୍ତି ବାହା ହେଲା।

୨୯। ଅପର୍ତ୍ତି ଗୁରେଇ ଆଡ଼େ ଚାହିଁପାରୁ ନଥିଲା କାହିଁକି ?

ଉ- ବାହାଘର ନିଶା କଟିଗଲା ପରେ ଅଭାବ କଷଣରେ ସଢ଼ି ଅପର୍ତ୍ତି ଗୁରେଇକି ଭଲ ଲୁଗା ଖଣ୍ଡେ କିଣି ଦେଇପାରେ ନାହିଁ। ଛିଣ୍ଡା ଲୁଗା ପିନ୍ଧିଥିବା ଅବସ୍ଥାରେ ଅପର୍ତ୍ତି ଗୁରେଇକି ଚାହିଁପାରେ ନାହିଁ।

୩୦। ଅପର୍ତ୍ତି ମନେ ମନେ ରାଗି କ'ଣ କରିବାକୁ ଭାବେ ?

ଉ- କିଳାପୋଡେଇ କରି ଧନୀ ସାହୁ ବଡ଼ଲୋକ ହୋଇଥିବାରୁ, ଗରିବଙ୍କ କଥା ଶୁଣୁ ନଥିବାରୁ ତା' ଦୋକାନରେ ନିଆଁ ଲଗେଇ ଦେବାକୁ ଚାହେଁ।

୩୧। କେଉଁ ଖବର ଗାଁରେ ଶୁଣାଇ ଦିଆଗଲା ?

ଉ- ସରକାର ଜିତିଛନ୍ତି ବୋଲି ଖବରଟିକୁ ସରକାରୀ କର୍ମଚାରୀମାନେ ଗାଁ ଗାଁ ବୁଲି ଶୁଣାଇ ଦେଇଥିଲେ।

୩୨ । ଧୋତି ଆଣି ଅପର୍ତ୍ତି ଗୁରେଇକୁ କ'ଣ କହିଲା ?

ଉ– ଷ୍ଟାଣ୍ଡାର୍ଡ ଧୋତି ଖଣ୍ଡିଏ ଆଣି ଅପର୍ତ୍ତି ଗୁରେଇକୁ କହିଲା, ଯାଇଥିଲେ ଖଣ୍ଡେ ଲୁଗା ପାଇଥା'ନ୍ତୁ। ନେ, ଏଇଟିକୁ ପିନ୍ଧିପକା। ମେର ସେମିତି ଚଳିଯିବ।

୩୩ । ଯୁଦ୍ଧ ସରିବା ପରେ ଅପର୍ତ୍ତି କ'ଣ ସବୁ ପରିବର୍ତ୍ତନ ଲକ୍ଷ୍ୟ କଲା ?

ଉ– ଯୁଦ୍ଧ ସରିଗଲା ପରେ ଅପର୍ତ୍ତି ଦେଖିଲା ଆଉ ଉଡାଜାହାଜ ଗୁଡ଼ିକ ଘଁ ଘଁ କରି ଉଡୁ ନାହାଁନ୍ତି, କିନ୍ତୁ ଦରଦାମ ବଢୁଛି। ଚାଉଳ, ଅଟା, ଲୁଗା, କିରୋସିନୀ ଦର କମୁ ନାହିଁ। ଅନାହାରରେ ଗୁରେଇର ସୌନ୍ଦର୍ଯ୍ୟ ମଉଳି ଆସିଲାଣି। ଦେଢ଼ବର୍ଷ ଆଗରୁ ସେ ଗୁରେଇକୁ ଯେଉଁ ଖଦି ଖଣ୍ଡିକ ଦେଇଥିଲା ତାହା ଚିରି ଆସିଲାଣି।

୩୪ । ଅପର୍ତ୍ତି ନମ୍ର ସ୍ୱରରେ ଧନୀ ସାହୁକୁ କ'ଣ କହିଥିଲା ?

ଉ– ଅପର୍ତ୍ତି ନମ୍ର ସ୍ୱରରେ ଧନୀ ସାହୁକୁ କହିଥିଲା, ସାହୁଏ ! ଅନେକ ଥର ଫେରାଇଲଣି। ଘରେ ସିଆଡ଼େ ଅଧା ଲଙ୍ଗୁଳା। ପାଣି ମାଠିଏ ଆଣିବା ପାଇଁ ପଦାକୁ ବାହାରି ପାରୁ ନାହାଁନ୍ତି।

୩୫ । ସନ୍ଧ୍ୟା ହେଲେ ଗୁରେଇ ପାଣି ଆଣିବାକୁ ଯାଏ କାହିଁକି ?

ଉ– ଗୁରେଇର ପିନ୍ଧା ଲୁଗା ଚିରି ଯାଇଥାଏ। ଅଧା ଲଙ୍ଗୁଳା ହୋଇଗଲେ ଲୋକଙ୍କ ଆଗରେ ସେ ଲାଜରେ ମୁହଁ ଦେଖାଇ ପାରିବ ନାହିଁ। ଏଣୁ ଦିନବେଳେ ନ ଯାଇ ସନ୍ଧ୍ୟା ହେଲେ ଗୁରେଇ ଯାଇ ପାଣି ଆଣିଥାଏ।

୩୬ । ଦେଶ ସ୍ୱାଧୀନ ହେଲେ ନିଜର କ'ଣ ପରିବର୍ତ୍ତନ ହେବ ବୋଲି ଅପର୍ତ୍ତି କହିଥିଲା ?

ଉ– ଅପର୍ତ୍ତି ଦେଶ ସ୍ୱାଧୀନ ହେବା କଥା ଶୁଣି ଖୁସି ହୋଇ ଯାଇଥିଲା। ସେ ଗୁରେଇକୁ କହିଥିଲା, ଏଥର ଆମର ଦୁଃଖ ଦୂର ହୋଇଯିବ। ଆମ ଲୋକେ ଚଳାଇବେ ଆମକୁ। ଗୋରା ଲୋକମାନେ ଆମ ଦେଶ ଛାଡ଼ି ଚାଲିଯିବେ।

୩୭ । ଦିନଗଡ଼ିଗଲେ କି ପରିବର୍ତ୍ତନ ଦେଖାଦିଏ ?

ଉ– ଦିନଗଡ଼ି ଚାଲିଲା। ସ୍ୱାଧୀନତା ପରେ ଲୋକେ ଗାନ୍ଧି ବୁଢ଼ାକୁ ଭୁଲିଗଲେ। ତାଙ୍କର ମହତ ଆଦର୍ଶ, ନୀତି ନିୟମ ସବୁକିଛି ପାସୋରି ଦେଲେ। ତ୍ରିରଙ୍ଗା ପତାକାର ରଙ୍ଗବି ଫିକା ପଡ଼ି ଆସେ।

୩୮ । ନିଜ ଗାଁରେ କେଉଁସବୁ ପରିବର୍ତ୍ତନ ହୋଇନାହିଁ ବୋଲି ଅପର୍ତ୍ତି ଭାବେ ?

ଉ– ଅପର୍ତ୍ତି ବୁଝିପାରେନା ସାଧୀନତାର ମୂଲ୍ୟ। ତା' ଆଖିରେ ତା ଗାଁ ଯେମିତି ଥିଲା ସେମିତି ଅଛି। ତା' ଗୁରେଇ ସେମିତି ଛିଣ୍ଡା ଲୁଗା ପିନ୍ଧୁଛି। କଇଁବେଣ୍ୟ ଖାଉଛି।

ଧନୀ ସାହୁର କଳାବଜାର ସେମିତି ଚାଲିଛି। ପୋଖରୀରେ ଦଳଭର୍ତ୍ତି ହୋଇଛି। ଲୋକମାନେ ମ୍ୟାଲେରିଆ, ହଇଜାରେ ସେମିତି ମରୁଛନ୍ତି।

**୩୯। କେଉଁ ଦୃଶ୍ୟ ଦେଖି ଅପର୍ତ୍ତିର ଆଖି ଜକେଇ ଆସେ ?**

ଉ- ଗୁରେଇର ଅଧା ଲଙ୍ଗଳା ଝାଉଁଳା ରୂପ ଦେଖି ଅପର୍ତ୍ତିର ଆଖିରେ ଲୁହ ଜକେଇ ଆସେ।

**୪୦। ଖଦିକୁ ନେଇ ଅପର୍ତ୍ତି ଗୁରେଇକୁ କ'ଣ କହିଥିଲା ?**

ଉ- ଖଦି ନେଇ ଅପର୍ତ୍ତି ଗୁରେଇକୁ କହିଲା, ତୁ ଆଗ ଗାଧୋଇ ପାଧୋଇ ଯାକୁ ପିନ୍ଧି ପକା। ମୁଁ ଆଉ ତୋ ଆଡ଼େ ଚାହିଁପାରୁନି।

**୪୧। ଅପର୍ତ୍ତି ନିର୍ଭୀକ ଭାବରେ ଗୁରେଇକୁ କ'ଣ କରିବାକୁ କହିଥିଲା ?**

ଉ- ଗୁରେଇ ଚୋରି ଧରାପଡ଼ିବା ଭୟ ଆଶଙ୍କା କରିବାରୁ ଅପର୍ତ୍ତି ନିର୍ଭୀକ ଭାବରେ କହିଲା, "ଧରାପଡ଼ିଲେ ପଡ଼ିବି। ତା' ଆଗରୁ ତୁ ଲୁଗା ଖଣ୍ଡେ ପିନ୍ଧି ପକାଇଥା। ଛିଣ୍ଡା ଲୁଗା ସବୁ ଅଗଣାରେ ପକାଇଦେ। ଏଇଟିକୁ ପାଉଁଶ ଗଦା ଭିତରେ ଲଚେଇ ଦେଇଆ। ଯା ଶୀଘ୍ର ଶୀଘ୍ର କରିପକା।

**୪୨। ସବ୍ ଇନିସ୍‌ପେକ୍ଟର ଧନୀ ସାହୁ ଧମକ ଦେଇ କ'ଣ କହିଥିଲେ ?**

ଉ- ସବ୍ ଇନିସ୍‌ପେକ୍ଟର ଧନୀ ସାହୁକୁ ଧମକ ଦେଇ କହିଲେ, "କେଇଟା ଲୁଗା ଚୋରି ହୋଇଛି ତମେ ଜାଣିନ? ଦୋକାନ ତମର ଅଥଚ ହିସାବ ପତ୍ର ଠିକ୍ ରଖିନ? ଚୋରି ବାହାନା ଦେଖାଇ କିଳାପୋତେଇ ଚଳେଇଛ? ଆସ ତମ ଦୋକାନ ଖାନତଲାସ୍ କରିବି।"

**୪୩। ଗୁରେଇ ଅପର୍ତ୍ତିକୁ ଆଶ୍ଚର୍ଯ୍ୟ ହୋଇ କ'ଣ ପଚାରିଲା ?**

ଉ- ଗୁରେଇ ଆଶ୍ଚର୍ଯ୍ୟ ହୋଇ ଅପର୍ତ୍ତିକୁ ପଚାରିଲା, "ତମେ ପୋଲିସ୍ ଆଗରେ ଏତେ ଗୁଡ଼ାଏ ମିଛ କହିଲ? ମୋ ଛାତି ଥରୁଥିଲା।"

**୪୪। ଅପର୍ତ୍ତି ସେ କଥାର କ'ଣ ଉତ୍ତର ଦେଲା ?**

ଉ- ଅପର୍ତ୍ତି କହିଲା, "ନେଇ ଆଣି ଥୋଇ ଜାଣିଲେ ଚୋରି ବିଦ୍ୟା ଭଲ।"

**୪୫। ଗୁରେଇ ବ୍ୟସ୍ତ ହୋଇ କ'ଣ କହିଲା ?**

ଉ- ଗୁରେଇ ବ୍ୟସ୍ତ ହୋଇ କହିଲା, "ନା, ଆମେ ନ ଖାଇ ନ ପିଇ ଶୁଖି ଶୁଖି ମରିବା ପଛେ ତମେ ଏମିତି କୋଉଠୁ ଚୋରି କରିବନି। ମୋତେ ଭୟ ଲାଗୁଛି।

**୪୬। ଭଲ ଲୋକ ହେଲେ କ'ଣ କରିବାକୁ ହୁଏ ?**

ଉ- ଭଲ ଲୋକ ହେଲେ ଦୁଃଖ ଭୋଗ କରିବାକୁ ହୁଏ।

• ଭାଷାଭିତ୍ତିକ

୪୭ । ନାହିଁ ସଙ୍ଗ ଯାହାର = ନିଃସଙ୍ଗ

ନାହିଁ ବଳ ଯାହାର = ନିର୍ବଳ, ଦୁର୍ବଳ

ନାହିଁ ଶବ୍ଦ ଯହିଁରେ = ନିଃଶବ୍ଦ

ନାହିଁ ଉପାୟ ଯାହାର = ନିରୁପାୟ

ନାହିଁ ସହାୟ ଯାହାର = ନିଃସହାୟ

ନାହିଁ ରବ ଯାହାର = ନୀରବ

୪୮ । ସିଂହ + ଆସନ = ସିଂହାସନ

ବିଦ୍ୟା + ଆଳୟ = ବିଦ୍ୟାଳୟ

ସ୍ୱ + ଅଧୀନ = ସ୍ୱାଧୀନ

ହିମ + ଆଳୟ = ହିମାଳୟ

୩୫ । 

| ଶବ୍ଦ | ବିପରୀତ ଶବ୍ଦ | ଶବ୍ଦ | ବିପରୀତ ଶବ୍ଦ |
|---|---|---|---|
| ଉ– ଅଗ | ମୂଳ | ଦୁଷ୍ଟ | ଶିଷ୍ଟ |
| ଅଧିକ | ଅଳ୍ପ | ଅସୀମ | ସସୀମ |
| ଅନୁକୂଳ | ପ୍ରତିକୂଳ | ଆଦ୍ୟ | ପ୍ରାନ୍ତ |
| ଅନୁରକ୍ତ | ବିରକ୍ତ | ଆଲୁଅ | ଅନ୍ଧାର |
| ଅମୃତ | ବିଷ | ଆଗ | ପଛ |
| ଅପେକ୍ଷା | ଉପେକ୍ଷା | ଇଷ୍ଟ | ଅନିଷ୍ଟ |
| ଅଭିଜ୍ଞ | ଅନଭିଜ୍ଞ | ଇହ | ପର |
| ଅଲଣା | ଲୁଣିଆ | ଉଦୟ | ଅସ୍ତ |
| ଖାଲ | ଢିପ | ଉନ୍ନତି | ଅବନତି |
| ଗୁରୁ | ଲଘୁ | ଉଦାର | ଅନୁଦାର |
| ଚଞ୍ଚଳ | ମଠାଧୀର | ଓଦା | ଶୁଖିଲା |
| ଜନ୍ମ | ମୃତ୍ୟୁ | କଠିନ | କୋମଳ |
| ଜ୍ୱଳନ୍ତ | ନିର୍ବାପିତ | କୃପଣ | ଦାନୀ |
| ଜ୍ୟେଷ୍ଠ | କନିଷ୍ଠ | କୃତଜ୍ଞ | କୃତଘ୍ନ/ଅକୃତଜ୍ଞ |
| ଡେଙ୍ଗା | ଗେଡ଼ା | ମଲା | ଜୀଅନ୍ତା |
| ଦୋଷୀ | ନିର୍ଦ୍ଦୋଷ | ମହଙ୍ଗା | ଶସ୍ତା |

| ଶବ୍ଦ | ବିପରୀତ ଶବ୍ଦ | ଶବ୍ଦ | ବିପରୀତ ଶବ୍ଦ |
|---|---|---|---|
| ରୁଗ୍ଣ | ନୀରୋଗ | ନିଦା | ଫୋଲା |
| ସାକ୍ଷର | ନିରୋକ୍ଷର | ନିନ୍ଦା | ପ୍ରଶଂସା |
| ସୁପ୍ତ | ଜାଗ୍ରତ | ପୀଡ଼ିତ | ସୁସ୍ଥ |
| ସୁଲଭ | ଦୁର୍ଲଭ | ପାପ | ପୁଣ୍ୟ |
| ସରଳ | ଜଟିଳ | ପ୍ରାକୃତିକ | କୃତ୍ରିମ / ଅପ୍ରାକୃତିକ |
| ସୁନ୍ଦର | ଅସୁନ୍ଦର/କୁତ୍ସିତ | | |
| ବାହାର | ଭିତର | ସ୍ୱାଭାବିକ | ଅସ୍ୱାଭାବିକ |
| ଭୀରୁ | ନିର୍ଭୀକ | ପ୍ରସନ୍ନ | ବିଷର୍ଣ୍ଣ |
| ହାନି | ଲାଭ | ଭୀମ | କାନ୍ତ |
| କ୍ଷୁଦ୍ର | ବୃହତ୍ | ସ୍ୱାଧୀନ | ପରାଧୀନ |
| ନୂଆ | ପୁରୁଣା | ହ୍ରାସ | ବୃଦ୍ଧି |
| ଚୋର | ସାଧୁ | ନୂତନ | ପୁରାତନ |
| ନୀରବ | ସରବ | ଆରମ୍ଭ | ଶେଷ |
| ନୈରାଶ୍ୟ | ଆଶା | ଅବିକା | ସେବେ |
| ପୁଞ୍ଜିପତି | ଗରିବ | ବେଇଗି | ମଠ |
| ଯତ୍ନ | ଅଯତ୍ନ | ଫିକା | ପକ୍କା |
| ମଣିପି ପିନ୍ଧା | ମାଇପି ପିନ୍ଧା | ଅନାହାର | ଆହାର |
| ଭର୍ତ୍ସନ | ପ୍ରଶଂସା | ନମ୍ର | କର୍କଶ |
| ବିଷାଦ | ହରଷ | ସ୍ପଷ୍ଟ | ଅସ୍ପଷ୍ଟ |
| ବଳିଷ୍ଠ | ଦୁର୍ବଳ | ଊଣା | ଅଧିକ |
| ଧିମେଇ | ଚଞ୍ଚଳ | ସାଉକାର | ମୂଲିଆ |
| ଦୁର୍ବଳ | ସବଳ | କୋହଳ | କଠିନ |
| ଧନୀ | ଦରିଦ୍ର | | |